# Akashvani, Sambalpur

## SAMBALPURI NEWS EVENING BULLETIN

## 2 December 2025- 7.02 pm- 7.12 pm.

*********************************************

୧- ବିଧାନ ସଭା ନ ଚାଲିଛେ ଓଡ଼ିଶା ଜନବିଶ୍ୱାସ ବିଲ୍-୨୦୨୫ ଉପ୍‌ରେ ଆଲୋଚନା ।

୨- ରାଏଜେ ଆଏଜ୍‌ଠାନୁ ମୁଲ୍ ହେଲା ଧାନ ଘିନା ।

୩- ସମ୍ବଲପୁର ନ ଉଦ୍‌ଘାଟିତ୍ ହେଲା ଜାତୀୟ ସଡ଼କ ସାଇକେଲ୍ ଚଲା ପ୍ରତିଯୋଗିତା -୨୦୨୫ ।

ଆଉର୍

୪- 'ପ୍ରଦୂଷଣ ସମସ୍ୟାର୍ ସମାଧାନ୍ ଲାଗି ନୂଆଁ ସୃଜନ୍ ଆଉ ଜନଭାଗିଦାରୀ' ବାର୍ତା ନେଇକରି ଆଏଜ୍ ପାଲନ୍ ହେଉଛେ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ୍ ।

ବିଧାନ ସଭା-ଓଡ଼ିଶା ଜନବିଶ୍ୱାସ ବିଲ୍   ଭୁବନେଶ୍ୱର ସମ୍ବାଦଦାତା

ବିଧାନ ସଭା ନ ଓଡ଼ିଶା ଜନବିଶ୍ୱାସ ବିଲ୍-୨୦୨୫କେ ନେଇକରି ଆଲୋଚନା ଚାଲିଛେ । ବିରୋଧି ଦଲ୍ ତର୍ଫୁ ବିଧାୟକ ଗଣେଶ୍ୱର ବେହେରା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଧ୍ରୁବଚରଣ ସାହୁ, ଗୌତମ ବୁଦ୍ଧ ଦାସ, ସି.ଏସ୍. ରାଜନ ଏକ୍କା, ସୋଫିଆ ଫିର୍ଦୋଷ ପ୍ରମୁଖ ଆଲୋଚନାଥି ଭାଗ୍ ନେଇଛନ୍ । ସେନ୍ତା ଶାସକ୍ ଦଲ୍ ତର୍ଫୁ ବିଲ୍ ସପକ୍ଷଥି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବାବୁ ସିଂହ ଆଉ ଫକୀର ମୋହନ ନାଏକ ପ୍ରମୁଖ୍ ଯୁକ୍ତି ଉପସ୍ଥାପନ୍ କରିଥିଲେ । ବିଧାନ ସଭା ନ ଆଏଜ୍ ବିଲ୍ ପାରିତ୍ ହେବାର୍ ଆଶ୍ କରାଯାଉଛେ । ସୂଚ୍ନା ଅନ୍ସାରେ ବିଧାନ ସଭା ନ ଗଲାକାଏଲ୍ ଉପର୍ବେଲା ଓଡ଼ିଶା ଜନବିଶ୍ୱାସ ବିଲ୍-୨୦୨୫ ଆଗତ୍ ହେଇଥିଲା । ବିଲ୍କେ ବିଚାର୍କେ ନେବାର୍ ଲାଗି ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଆଏଜ୍ ପ୍ରସ୍ତାବ୍ ରଖିଥିଲେ ।

ବିଧାନ୍ସଭା ଶୀତ୍ ଅଧିବେଶନ୍      ଭୁବ୍ନେଶ୍ୱର୍ ସମ୍ବାଦଦାତା

ବିଧାନ୍ସଭା ଶୀତ୍ ଅଧିବେଶନ୍ର ୫ ନମ୍ବର୍ ଦିନେ ଆଏଜ୍ ଗୃହ ନ ଭିନ୍ ଭିନ୍ ବିଷେଥି ଆଲୋଚନା ହେଇଥିଲା । ଶୂନ୍ୟକାଲ୍ ନ ବିରୋଧି ଦଲ୍ମାନ୍କୁ ସମିଆ ନାଇ ଦେଇଥିବାର୍

ଅଭିଯୋଗ୍ କରି କରି ଶାସକ୍ ଆଉ ବିରୋଧି ସଦସ୍ୟମାନ୍‌କର ଭିତ୍‌ରେ କିଛି ସମିଆ ଲାଗି ହୋହାଲ୍ଲା ହେଇଥିଲା । ରାଏଜେ ଅନ୍ୱେଷା ଯୋଜ୍‌ନା ବନ୍ଦ କର୍‌ବାର୍‌କେ ନେଇକରି ବିରୋଧି କଂଗ୍ରେସ ତର୍‌ଫୁ ଆଗତ୍ ଗୁଟେ ମୁଲତବୀ ପ୍ରସ୍ତାବ ଉପ୍‌ରେ ହେଇଥିବା ବିତର୍କଥି ଆଏବା ୫ ବଛର୍ ଲାଗି ଇ ଯୋଜ୍‌ନା ଜାରି ରଖିବାର୍‌କେ ବିଭାଗୀୟ ସ୍ତରଥି ବିଚାର୍ କରାଯାଉଛେ ବଲି ବିଭାଗୀୟ ମନ୍ତ୍ରୀ କହିଥିଲେ । ମନ୍ତ୍ରୀଙ୍କ ଉତର ଉତ୍‌ରୁ ଉପବାଚସ୍ପତି ବିରୋଧିଙ୍କର ଆଡୁ ଆଗତ୍ ମୁଲତବୀ ପ୍ରସ୍ତାବ୍‌କେ ଅଗ୍ରାହ୍ୟ କରିଥିଲେ ।

ବିଧାନ ସଭା-ପଂଚାୟତିରାଜ୍ ମନ୍ତ୍ରୀ ଭୁବନେଶ୍ୱର ସମ୍ବାଦଦାତା

ରାଜ୍ୟ ସରକାର ୨୦୨୭ ମସିହା ଶେଷ୍ ତକ୍ ମେଗା ପାନୀୟ ଜଲ୍ ଯୋଗାଣ ପ୍ରକଳ୍ପ ଜରିଏ ସମ୍‌କୁ ସଫା ପିଇବାର୍ ପାଏନ୍ ଯୁଗେଇ ଦେବାର୍‌କେ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ ନାଏକ ଆଏଜ୍ ବିଧାନସଭା ନ କହିଛନ୍ । ଇ ବାବଦ୍ ଗୁଟେ ପ୍ରଶ୍ନ ଉତର୍‌ଥି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍, ରାଏଜେ ଏବ୍‌ତକ୍ ୩୫ଟା ପିଇବାର୍ ପାଏନ୍ ପ୍ରକଳ୍ପ କାମ୍ ଶେଷ୍ ହେଇଥିଲା ବେଲ୍‌କେ ୬୬ଟା ପ୍ରକଳ୍ପ କାମ୍ ୯୦ ପ୍ରତିଶତ ପୂରା ହେଇଛେ । ଧାରିଜ୍

ସମିଆଥି ସବୁ ପ୍ରକଳ୍ପ କାମ୍ ଶେଷ୍ ହେବା । ଗଲା ୧୭ ମାସ୍ ଭିତ୍‌ରେ ୨୨ଟା ପ୍ରକଳ୍ପ କାମ୍ ଶେଷ୍ ହେଇଛେ ବଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ ।

ବିଧାନ ସଭା ପ୍ରବାସୀ ଶ୍ରମିକ ଭୁବନେଶ୍ୱର ସମ୍ବାଦଦାତା

ପ୍ରବାସୀ ଶ୍ରମିକମାନ୍‌କର ସମସ୍ୟାର ସମାଧାନ ଲାଗି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କର ଅଧକ୍ଷତାଥି ଗୁଟେ ଖାସ୍ କାର୍ଯ୍ୟବଳ-ଟାସ୍କଫୋର୍ସ ଗଠନ୍ କରାଯାଇଛେ । ଇ ଟାସ୍କ ଫୋର୍ସର ଭିନ୍ ଭିନ୍ ବିଭାଗ୍ ସହେତେ ୩ଟା ବୈଠକ୍ କରାଯାଇକରି ଶ୍ରମିକ୍‌ମାନ୍‌କୁ ନିଜର ଇଲାକାନ କେନ୍ତାକରି ବିକଳ୍ପ କମାନିର୍ ବାଟ ଯୁଗେଇ ଦିଆଯାଇ ପାର୍‌ବା ସେ ଦିଗେ ପଦକ୍ଷେପ ନିଆଯାଉଛେ ବଲି ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଂଟିଆ ଆଏଜ୍ ଗୃହ ନ କହିଛନ୍ । ଜିଲ୍ଲା ସ୍ତର ନ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଅଧିନିୟମ-୧୯୭୯ ଅନ୍‌ସାରେ ଠିକାଦାରମାନେ ଅନ୍‌ଲାଇନ୍ ଆବେଦନ୍ ଜରିଏ ବାହାର୍ ରାଜ୍ୟକେ ଶ୍ରମିକ ପଠାବାର୍ ଲାଗି ଲାଇସେନ୍ସ ପାଇଥିସନ୍ । ଇ ବଛର୍ ଜିଲ୍ଲାସ୍ତର ନ ୧ ହଜାର ଶହେ ୭ ଝନ୍ ଠିକାଦାରଙ୍କୁ ବାହାର ରାଏଜେ ୭୦ ହଜାର ୩ ଶହ ୬୦ ଝନ୍ ପ୍ରବାସୀ ଶ୍ରମିକଙ୍କର ନିଯୁକ୍ତି ଲାଗି ଲାଇସେନ୍ସ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ବିଧାନ ସଭା- ଜଙ୍ଗଲ ବିଭାଗ ଭୁବନେଶ୍ୱର ସମ୍ବାଦଦାତା

ରାଏଜେ ମୁନୁଷ୍ ଆଉ ଜଙ୍ଗଲୀ ଜନ୍ତୁ ଲଢ଼େଇଥି଼ ଗଲା ୧୦ ବଛର୍ ଭିତ୍‌ରେ ୧ ହଜାର ୩ ଶହ ୯୮ ଝନ୍‌ଙ୍କର ଜୀବନ୍ ଯାଇଛେ । ଇଥି଼ର ଲାଗି ସରକାର ୬ ହଜାର ଶହେ ୭୪ ଲାଖ୍‌ନୁ ଅଏତ୍‌କା ଟଙ୍କା କ୍ଷତିପୂରଣ ବାବ୍‌ଦେ ଦେଇଛନ୍ ବଲି ଜଙ୍ଗଲ ଆଉ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଂଟିଆ ଆଏଜ୍ ବିଧାନ ସଭା ନ କହିଛନ୍ । ମନ୍ତ୍ରୀ ଶ୍ରୀ ଖଂଟିଆ କହିଛନ୍, ଗଲା ୧୦ ବଛର୍ ଭିତ୍‌ରେ ଇ ସମିଆଥି଼ ଭିନ୍ ଭିନ୍ କାରନ୍‌ନୁ ୫ ହଜାର ୬ ଶହ ୯ଟା ଜଙ୍ଗଲୀ ଜନ୍ତୁଙ୍କର ଜୀବନ୍ ଯାଇଛେ । ବନ୍ୟଜନ୍ତୁର ଜୀବନ୍‌ହାନି ରୁକ୍‌ବାର୍ ଲାଗି ସରକାର ସବୁ ସମ୍ଭବ ପଦ୍‌କ୍ଷେପ୍ ନଉଛନ୍ । ସେନ୍ତା ଜଙ୍ଗଲି ଜନ୍ତୁଙ୍କର ବାସସ୍ଥଲୀ ବଢ଼ାବାର୍, ଜଙ୍ଗଲୀ ନିଆକେ ଆଏତ୍ କର୍‌ବାର୍ ଲାଗି ସରକାର ପଦକ୍ଷେପ୍ ନଉଛନ୍ ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ-ସେବା ତୀର୍ଥ ଏନ୍‌ଏସ୍‌ଡି

କେନ୍ଦ୍ର ସରକାର ସାରା ଦେଶେ ଥି଼ବା ରାଜ୍ୟ ରାଜଭବନ୍‌ମାନ୍‌କର ନାଁ ବଦ୍‌ଲେଇ କରି ଲୋକ ଭବନ୍ କର୍‌ବାର୍‌କେ ଘୋଷଣା କରିଛନ୍ । ଇତାର୍ ସହେତେ ପ୍ରଧାନମନ୍ତ୍ରୀଙ୍କର ଆବାସିକ୍

କାର୍ଯ୍ୟାଳୟର୍ ନୂଆ ନାଁ ସେବା ତୀର୍ଥ ରଖାଯାଇଛେ । କେନ୍ଦ୍ରୀୟ ସଚିବାଳୟର୍ ନାଁକେ ଭିଲ୍ ବଦ୍ଲାଯାଇକରି କର୍ତବ୍ୟ ଭବନ୍ କରାଯାଇଛେ । ସୂଚ୍ନା ଅନ୍ସାରେ ଭୁବନେଶ୍ୱର ନ ଥିବା ଓଡ଼ିଶା ରାଜଭବନ୍ ର ନାଁ ଗଲାକାଏଲ୍ ଲୋକ ଭବନ୍ ଭାବେ ଘୋଷଣା କରାଯାଇଛେ ।

ଖାଦ୍ୟଯୋଗାଣ ମନ୍ତ୍ରୀ- ଧାନ୍ ଘିନା I&PR

ରାଏଜେ ଆଏଜ୍ଠାନୁ ଧାନ୍ ଘିନା ପ୍ରକ୍ରିୟା ମୁଲ୍ ହେଇଛେ । ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଗଲାକାଏଲ୍ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର - ରାଜ୍ୟ ଆଉ ଜିଲ୍ଲା ଧାନ୍ ମିଲ୍ ସଂଘର୍ ସଦସ୍ୟମାନ୍କର୍ ସଙ୍ଗେ ଆଲୋଚନା କର୍ବାର ଉତ୍ରୁ ଇ ନିଷ୍ପତି ନିଆଯାଇଛେ । ବୈଠକ୍ଥି ମିଲର୍ସ ସଂଘ ତର୍ଫୁ ଭିନ୍ ଭିନ୍ ସମସ୍ୟା ବାବ୍ଦେ ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା । ଦାବି ମାନ୍କୁ ବିଚାର୍ କରିକରି ଖୋବ୍ ଜଲ୍ଦି ସମାଧାନ୍ କରାଯିବା ବଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ । ରାଜ୍ୟ ଯୋଗାଣ ନିଗମ୍ ଆଉ କଷ୍ଟମ୍ ମିଲର୍ସଙ୍କର୍ ଭିତ୍ରେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେବାର୍ ଉତ୍ରୁ ଆଏଜ୍ଠାନୁ ଧାନ୍ ଘିନା ପ୍ରକ୍ରିୟା ମୁଲ୍ ହେଇଛେ ।

# ଜାତୀୟ ସଡ଼କ ସାଇକେଲ୍ ଚାଲନା ପ୍ରତିଯୋଗିତା

ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଆଏଜ୍‌ଠାନୁ ୩୦ ନମ୍ବର୍ ଜାତୀୟ ସଡ଼କ ସାଇକେଲ୍ ଚଲାବାର୍ ପ୍ରତିଯୋଗିତା -୨୦୨୫ ମୁଲ୍ ହେଇଛେ । ସାଇକ୍ଲିଙ୍ଗ୍ ଫେଡେରେସନ୍ ଅଫ୍ ଇଣ୍ଡିଆ ଆଉ ଓଡ଼ିଶା ସାଇକ୍ଲିଙ୍ଗ୍ ଆସୋସିଏସନ୍ ତର୍‌ଫୁ ହେଇଥିବା ଇ ପ୍ରତିଯୋଗିତା ସଖାଲର୍ ୯ ବଜେ ସମ୍ବଲପୁର ସହର ପାଖର୍ ନକ୍ସାପାଲି ଓଭର୍‌ବ୍ରିଜ୍‌ନୁ ବିଧିବଦ୍ଧ ଭାବେ ଉଦ୍‌ଘାଟିତ୍ ହେଇଥିଲା । ପ୍ରତିଯୋଗିତା ଡିସେମ୍ବର୍ ୬ ତାରିଖ୍‌ତକ୍ ହେବା । ଇଥି ବରିଷ୍ଠ, କନିଷ୍ଠ ଆଉ ଉପକନିଷ୍ଠ ବର୍ଗଥି ସାରା ଦେଶୁ ହଜାରେ ନୁ ଅଏତ୍‌କା ପ୍ରତିଯୋଗୀ ଭାଗ୍ ନେଇଛନ୍ । ଇ ପ୍ରତିଯୋଗିତାଥି ଯେନ୍ ଖେଲାଲିମାନେ ଚାମ୍ପିଅନ୍ ହେବେ ସେମାନେ ଜାପାନ ନ ହେବାର୍‌କେ ଥିବା ଅନ୍ତର୍ଜାତୀୟ ସାଇକେଲ୍ ଚଲାବାର୍ ପ୍ରତିଯୋଗିତାଥି ଭାଗ୍ ନେବେ ବଲି ଜନାପଡ଼ିଛେ । ଜାତୀୟ ସଡ଼କ ସାଇକେଲ୍ ଚଲାବାର୍ ପ୍ରତିଯୋଗିତା ଉଧେ ଓଡ଼ିଶା ସାଇକ୍ଲିଙ୍ଗ୍ ଆସୋସିଏସନ୍‌ର ସଭାପତି ମୀନତି ମହାପାତ୍ର କହିଛନ୍....

(ଭଏସ୍-ମୀନତି ମହାପାତ୍ର)

ବ୍ୟଞ୍ଜନ ଦ୍ୱାଦଶୀ ପୁରୀ/ସୁବର୍ଣ୍ଣପୁର ସମ୍ବାଦଦାତା

ମଗ୍‌ସିର ମାସର୍ ଉଜଲ୍ ପଖର୍ ଦ୍ୱାଦଶୀ ତିଥି ଅବ୍‌ସରେ ଆଏଜ୍ ପୁରୀର୍ ଭିନ୍ ଭିନ୍ ମଠମାନ୍‌କେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ୍ କରାଯାଉଛେ । ଗୌଡ଼ିୟ ବୈଷ୍ଣବ ସମ୍ପ୍ରଦାୟର୍ ଅନୁଗାମୀ ମାନ୍‌କର ଇଟା ଗୁଟେ ମୁଖିଆ ପରବ୍ ଆଏ ।  ଇ ବଛର୍ ଭଗବାନ ଶ୍ରୀକୃଷ୍ଣଙ୍କର ଲାଗି ୮ ଶହ ୭୫ନୁ ଅଏତ୍‌କା ରକ୍‌ମର୍ ଖାନ୍‌ପାନ୍ ତିଆର୍ କରାଯାଇଛେ । ସୁବର୍ଣ୍ଣପୁର ଜିଲ୍ଲାର ପାତାଳୀ ଶ୍ରୀକ୍ଷେତ୍ର ସହେତେ ବୀରମହାରାଜପୁର ବଡ଼ଖମାର ଗାଁର୍ ଶ୍ୟାମସୁନ୍ଦର କୁଞ୍ଜକୁଟିର୍ ନ ଭିଲ୍ ବ୍ୟଞ୍ଜନ ଦ୍ୱାଦଶୀ ପାଳିତ୍ ହେଇଯାଇଛେ । ଇ ଅବ୍‌ସରେ ଆଏଜ୍ ହଜାର ହଜାର ଶ୍ରଦ୍ଧାଳୁଙ୍କର ସମାଗମ୍ ହେଇଛେ ।

ପୁରୀ ଶ୍ରୀମନ୍ଦିର-ବନକଲାଗି ପୁରୀ ସମ୍ବାଦଦାତା

ସେନ୍ତା ଆଏବାକାଏଲ୍ ତ୍ରୟୋଦଶୀ ତିଥି ଅବ୍‌ସରେ ପୁରୀ ଶ୍ରୀ ମନ୍ଦିର ନ ମାହାପୁରୁମାନ୍‌କର ବନକଲାଗି ନୀତି ହେବା । ଦୁଇ ନମ୍ବର ଭୋଗ ଶେଷ୍ ହେବାର୍ ଉତ୍‌ରୁ ନୀତିକାନ୍ତି ମୁଲ୍ ହେବା । ହେଥିର୍‌ଲାଗି ଆଏବାକାଏଲ୍ ସଞ୍ଜବେଲର୍ ୫ ବଜେନୁ ରାତି ୧୦ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ ରହେବା ବଲି ଶ୍ରୀମନ୍ଦିର ପ୍ରଶାସନ ତରଫ୍ରୁ ସୂଚ୍‌ନା ଦିଆଯାଇଛେ ।

ଜାତୀୟ ପ୍ରଦୂଷଣ୍ ନିରାକରଣ୍ ଦିବସ୍ଆର୍ଏନ୍ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ଜାତୀୟ ପ୍ରଦୂଷଣ୍ ନିରାକରଣ୍ ଦିବସ୍ । ୧୯୮୪ ମସିହା ଆଝିର୍ ଦିନେ ମଧ୍ୟପ୍ରଦେଶ୍ର ଭୋପାଲ୍ ନ ୟୁନିଅନ୍ କାର୍ବାଇଡ୍ କାର୍ଖାନାନୁ ଗେସ୍ ଲିକ୍ ହେବାର୍ନୁ ହଜାର୍ ହଜାର୍ ଲୁକଙ୍କର୍ ଜୀବନ୍ ଯାଇଥିଲା । ସେ ଦିନ୍କେ ସୋର୍ କରିକରି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜନାବାର୍ ଲାଗି ଆଝିର୍ ଦିନ୍କେ ଜାତୀୟ ପ୍ରଦୂଷଣ୍ ନିରାକରଣ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ସେନ୍ତା ପ୍ରଦୂଷଣ୍କେ ରୁକ୍ବାର୍ ଲାଗି ଲୁକଙ୍କର୍ ଭିତ୍ରେ ସଚେତନତା ସୃଷ୍ଟି କର୍ବାର୍ଟା ଆଝିର୍ ଦିବସ୍ର ମୁଖ୍ୟ ଲକ୍ଷ୍ୟ ଆଏ । ଇ ବଛର୍ ଇ ଦିବସ୍ର ବାର୍ତା ହେଉଛେ 'ପ୍ରଦୂଷଣ ସମସ୍ୟାର୍ ସମାଧାନ୍ ଲାଗି ନୂଆଁ ସୃଜନ୍ ଆଉ ଜନଭାଗିଦାରୀ' । ଇ ଅବ୍ସରେ ରାଜ୍ୟର ଭିନ୍ ଭିନ୍ ଜାଗାନ ସଚେତନ୍ତା କାର୍ଯ୍ୟକ୍ରମମାନ୍ କରାଯାଇଛେ ।

ବଲାଙ୍ଗୀର ଜିଲ୍ଲା ନ ହେଇଥିବା ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ସମାରୋହଥି ଜିଲ୍ଲାପାଲ ଗୌରବ ଶିବାଜୀ ଇସଲ୍ୱାଲ୍ ଯୋଗ୍ ଦେଇକରି ପ୍ରଦୂଷଣମୁକ୍ତ ଭାରତ୍ ଗଠନ୍ ଉପ୍ରେ ଆଲୋଚନା କରିଥିଲେ । ଇ ଅବ୍ସରେ ସବୁଜ ଭବିଷ୍ୟତ୍ ଲାଗି ସ୍ଥାୟୀ ଜୀବନ୍ଯାପନ୍ ଉପ୍ରେ ଗୁଟେ ଆଲୋଚନାଚକ୍ର ହେଇଥିଲା ।

ଏସ୍ଆଇଆର୍        ଏନ୍ଏସ୍ଡି

ଦେଶେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍ଆଇଆର୍ ଦୁଇ ନମ୍ବର ଖେପ୍ ମୁଲ୍ ହେବାର୍ ଦିନୁ ୫୦ କୋଟିନୁ ଅଏତ୍କା ଗନ୍ତି ଫର୍ମ ବଂଟାଯାଇଛେ ବଲି ଭାରତୀୟ ନିର୍ବାଚନ ଆୟୋଗ ତର୍ଫୁ କୁହାଯାଇଛେ । ଆୟୋଗଙ୍କର ସୂଚ୍ନା ଅନ୍ସାରେ, ଏବ୍ତକ୍ ୪୦ କୋଟି ଦରଖାସ୍ତ ଫର୍ମର ଡିଜିଟାଲ୍କରଣ କରାଯାଇଛେ । ଦେଶର ୯ଟା ରାଜ୍ୟ ଆଉ ୩ଟା କେନ୍ଦ୍ରଶାସିତ ଅଂଚଲ ନ ଗଲା ମାସର୍ ୪ ତାରିଖ୍ନୁ ଏସ୍ଆଇଆର୍ ଦୁଇ ନମ୍ବର ଖେପ୍ ମୁଲ୍ ହେଇଛେ । ଇ ଅଭିଯାନ୍ଥି ଆଏବା ବଛର୍ ଫେବୃୟାରୀ ୭ ତାରିଖ୍କେ ଇ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲର୍ ସଂଶୋଧିତ୍ ଭୋଟର ତାଲିକା ବାହାର୍ବା ।

ଦାବିହୀନ ଜମା ଟଙ୍କା ଅଧିକାର ଶିବିର   ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଲନୀ କକ୍ଷ ନ ଆଏବା ୫ ତାରିଖ୍ ଦିନର୍ ୧୦ ବଜେ ଦାବି ନାଇ କରାଯାଉଥିବା ଜମା ଟଙ୍କାର୍ ସୁରକ୍ଷା ସଚେତନତା ଶିବିର ହେବା । ଆପଣକର ପୁଞ୍ଜି ଆପଣକର ଅଧିକାର ଶୀର୍ଷକଥି ହେବାରକେ ଇ ଶିବିର୍ଥି ଦାବି ନାଇ କରାଯାଉଥିବା ବେଙ୍କମାନ୍କର ଜମା ଖାତାମାନ୍କର ବ୍ଦେ ସୂଚ୍ନା ଦିଆଯିବା । ଜିଲ୍ଲାର

ଗ୍ରାହକମାନ୍‌କର ନିଜର ପୁଞ୍ଜି ଉପ୍‌ରେ ନିଜର ଅଧିକାର୍ ସାବ୍ୟସ୍ତ କର୍‌ବାର୍ ଦିଗେ ବେଙ୍କ ଶାଖା ଆଉ ଜୀବନ୍ ବୀମା କମ୍ପାନୀ ତର୍‌ଫୁ ଇଟା ଗୁଟେ ପଡ଼ ପଦକ୍ଷେପ ଆଏ ବଲି କୁହାଯାଉଛେ ।

ଆର୍ଥିକ ସାକ୍ଷରତା କର୍ମଶାଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳଙ୍କର କାର୍ଯ୍ୟାଳୟ ନ ଆର୍ଥିକ ସାକ୍ଷରତା, ସାମାଜିକ୍ ଅଧିକାର ବାବଦ୍ ଗୁଟେ କର୍ମଶାଳା ହେଇଯାଇଛେ । କର୍ମଶାଳାଥି ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ । ଅତିଥି ଆଉ ବିଶେଷଜ୍ଞମାନେ ଆର୍ଥିକ୍ ସାକ୍ଷରତା, ଅର୍ଥନୈତିକ, ସାମାଜିକ ଅଧିକାରର ଲକ୍ଷ୍ୟ ଆଉ ଗୁରୁତ୍ୱ ବୁଝେଇଥିଲେ ।

ବାଳିକା ଫୁଟ୍‌ବଲ୍ ପ୍ରତିଯୋଗିତା କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍ ନ ୧୭ ବଛର୍‌ନୁ କମ୍ ବଏସର୍ ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ବାଳିକା ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ୍ ହେଇଛେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର

ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ପ୍ରତିଯୋଗିତାକେ ଉଦ୍‌ଘାଟନ୍ କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୪ ତାରିଖ୍‌ନୁ ରାତିର୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ କମିକରି ଶୀତ୍ ଫେର୍ ବଢ଼୍‌ବା । ଆଏଜ୍ ଆଉ ଆଏବା କାଏଲ୍ ବଡ଼୍‌ଭାଗୀ ଜାଗା ନ ରାତିର୍ ତାପମାତ୍ରା ୧୨ ନୁ ୧୫ ଡିଗ୍ରୀ ଉପ୍‌ରେ ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ଆଏବା କାଏଲ୍ ରାଜ୍ୟର୍ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା କଳାହାଣ୍ଡି, କନ୍ଧମାଳ, କୋରାପୁଟ୍ ନ ବହଲିଆ କୁହୁଡ଼ି ଦେଖାଯିବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।